# ଏବେ ବି ରାଜସ୍ୱ ମାନଚିତ୍ରରେ ନାହିଁ ମାଛକୁଣ୍ଡ ନଦୀ

ନନ୍ଦପୁର, ୩।୪(ତୁଷାରକାନ୍ତ ମହାନ୍ତି)

୨୦୨୪ ଏପ୍ରିଲ ୪ରେ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାନ୍ଥଲୁଙ୍ଗ ପଞ୍ଚାୟତ ଦେଇ ପ୍ରବାହିତ ମାଛକୁଣ୍ଡ ନଦୀର ଶୋଭାପୁଟ ଓ ସୁତୁବ ଘାଟ ଜାତୀୟ ହରିତ ଅଧିକରଣ(ଗ୍ରୀନ ଟ୍ରିବୁନାଲ) ଟିମ୍ ଦୁଇ ଆନ୍ଧ୍ର-ଓଡ଼ିଶାର ରାଜସ୍ୱ ଅଧିକାରୀଙ୍କ ସହ ପରିଦର୍ଶନ କରିଥିଲେ। ନଦୀ ଓ ଘାଟକୁ ନଷ୍ଟ କରି ଆନ୍ଧ୍ର ପଟକୁ ବେଆଇନ ବାଲି ଚାଲାଣ ହେଉଥିବା ପଞ୍ଚାୟତ ସରପଞ୍ଚ ପୂଜା ଖିଲଙ୍କ ଅଭିଯୋଗ କରିଥିଲେ। ଏହାର ତଦନ୍ତ ବେଳେ ୨ ରାଜ୍ୟର ସୀମା ନିର୍ଦ୍ଧାରଣ କରୁଥିବା ମାଛକୁଣ୍ଡ ନଦୀ ଦୁଇ ରାଜ୍ୟର ରାଜସ୍ୱ ମାନଚିତ୍ରରେ ନ ଥିବା ଘଟଣା ସାମନାକୁ ଆସିଥିବା ତଦନ୍ତକାରୀ ଟିମ୍ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ସାରା ରାଜ୍ୟ ଓ ଜାତୀୟ ସ୍ତରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇ ତତ୍କାଳୀନ ସରକାର ଓ ରାଜସ୍ୱ ବିଭାଗ ସମାଲୋଚିତ ହୋଇଥିଲେ। ଉକ୍ତ ଘଟଣାକୁ ବର୍ଷେ ବିତିଛି। ରାଜ୍ୟରେ ଶାସକ ଓ ବିରୋଧୀ ଦଳ ପକ୍ଷରୁ ଏହି ଘଟଣାକୁ ନେଇ ତଦନ୍ତ, ସୀମା ଚିହ୍ନଟ ଓ ମାଛକୁଣ୍ଡ ନଦୀକୁ ରାଜ୍ୟ ରାଜସ୍ୱ ମାନଚିତ୍ରରେ ସ୍ଥାନିତ କରିବାକୁ କୌଣସି ପଦକ୍ଷେପ ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ନନ୍ଦପୁର ତହସିଲ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ସୀମା ଚିହ୍ନଟ ପାଇଁ ମଧ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି କରିଛି। ସୀମାନ୍ତ ମାଛକୁଣ୍ଡ ନଦୀର ବିଭିନ୍ନ ଘାଟରୁ ଆନ୍ଧ୍ର ମାଫିଆ ଅବାଧରେ ବାଲି ବୋହି ନେଉଥିବା ବେଳେ ଦୁଇ ରାଜ୍ୟର ସୀମା ବିବାଦ ବଢୁଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ସୂଚନା ଅନୁଯାୟୀ, ଆନ୍ଧ୍ର ପଟୁ ଓଡ଼ିଶା ଅଞ୍ଚଳକୁ ପ୍ରବାହିତ ଗୋଦାବରୀ ନଦୀ ଗୋଲୁର ପଞ୍ଚାୟତର ରାଇପାହାଡ ନିକଟରେ ଦୁଇ ଭାଗ ହୋଇଛି। ଗୋଟିଏ ଭାଗ ପାତାଳୀ ନଦୀ ନାଁରେ ଚାଟୁଆ ପାଡୁଆ ଦେଇ ଜୋଲାପୁଟ ରିଜର୍ଭରରେ ଲିନ ହୋଇଛି। ଅନ୍ୟଟି ରାଇ ପାହାଡରୁ ମାଛକୁଣ୍ଡ ନଦୀ ନାଁରେ ପ୍ରବାହିତ ହୋଇ ଆନ୍ଧ୍ର ଅନ୍ତର୍ଗତ ଦୁଗାନ ଗ୍ରାମଠାରୁ ମୁଟିମପୁଟ ଯାଏ ଆନ୍ଧ୍ର-ଓଡ଼ିଶାର ସୀମା ନିର୍ଦ୍ଧାରଣ କରୁଛି। କିନ୍ତୁ ମାଛକୁଣ୍ଡ ନଦୀ ନନ୍ଦପୁର ତହସିଲ, କୋରାପୁଟ ଜିଲା ଏବଂ ଓଡ଼ିଶାର ରାଜସ୍ୱ ମୁଜୁମୁଲି ସହ ଆନ୍ଧ୍ର ରାଜସ୍ୱ ମାନଚିତ୍ରରେ ମଧ ନାହିଁ ବୋଲି କେନ୍ଦ୍ରୀୟ ଟିମ୍ କହିଥିଲେ। ଟିମ୍ ଜିଓଲୋଜି ବିଭାଗର ଟପୋସିଡ୍ ମାନଚିତ୍ର, ଦୁଇ ରାଜ୍ୟର ଅଧିକାରୀଙ୍କ ମୋବାଇଲରେ ଉପଲବ୍ଧ ଗୁଗୁଲ ମ୍ୟାପ ଦେଖାଇ ରାଜସ୍ୱ ବିଭାଗ ମାନଚିତ୍ରରେ ମାଛକୁଣ୍ଡ ନଦୀ କିଭଳି ନାହିଁ ବୋଲି ଦୁଇ ରାଜ୍ୟର ରାଜସ୍ୱ ଓ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ରାଜ୍ୟ ରାଜସ୍ୱ ବିଭାଗ, ଜିଲା ପ୍ରଶାସନ ଓ ନନ୍ଦପୁର ତହସିଲ୍ କର୍ତ୍ତୃପକ୍ଷ ସୀମା ସୁରକ୍ଷା ପ୍ରତି ଅବହେଳା କରୁଥିବା ଅଭିଯୋଗ ହୋଇଥିଲା। କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଅବସର ନେଇଛନ୍ତି। ମାଛକୁଣ୍ଡ ନଦୀ ମାନଚିତ୍ରରେ ନ ଥିବା ଘଟଣାର ରିପୋର୍ଟ ଟ୍ରିବୁନାଲ ସହ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ଟିମ୍‌ରେ ଥିବା ଜିଓଲୋଜିକାଲ ବିଭାଗ ଯୁଗ୍ମ ନିର୍ଦ୍ଦେଶକ (କୋରାପୁଟ) କ୍ୟୁ ଜେ ଖାନ ସୂଚନା ଦେଇଥିଲେ। ଆଗାମୀ ଦିନରେ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀ, ରାଜସ୍ୱ ବିଭାଗର କର୍ତ୍ତୃପକ୍ଷ ଆପୋଷ ବୁଝାମଣାରେ ବୈଠକ କରି ମାଛକୁଣ୍ଡ ନଦୀର ମାନଚିତ୍ର ଉଭୟ ରାଜ୍ୟର ସୀମା ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବ୍ଲକ୍ ସହ ପାନ୍ଥଲୁଙ୍ଗ ପଞ୍ଚାୟତ ବାସୀଙ୍କ ଦୁର୍ଭାଗ୍ୟ ତଦନ୍ତ ଓ ପରାମର୍ଶ କାଗଜ କଲମରେ ରହିଯାଇଛି। ସୀମା ଚିହ୍ନଟ କରି ମାଛକୁଣ୍ଡ ନଦୀକୁ ରାଜସ୍ୱ ମାନଚିତ୍ରରେ ସ୍ଥାନିତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ, ଜିଲା ପ୍ରଶାସନ ଓ ନନ୍ଦପୁର ତହସିଲ କର୍ତ୍ତୃପକ୍ଷ ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ଗୁରୁତ୍ୱ ଦେଇ ସୀମାନ୍ତ ଚିହ୍ନଟ କରନ୍ତୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମାଛକୁଣ୍ଡ ନଦୀକୁ ରାଜ୍ୟ ରାଜସ୍ୱ ମାନଚିତ୍ରରେ ସ୍ଥାନିତ କରିବା ସହ ଓଡ଼ିଆ ଅସ୍ମିତାର ରକ୍ଷା କରି ସୀମାନ୍ତବାସୀଙ୍କୁ ସମ୍ମାନ ଓ ଶାନ୍ତିରେ ବଞ୍ଚିବାକୁ ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଜିଲାପାଳଙ୍କ ସହ ଆଲୋଚନା କରି ଶୀଘ୍ର ସୀମା ଚିହ୍ନଟ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।


ମାଛକୁଣ୍ଡ ନଦୀ ନଥିବା ନନ୍ଦପୁର ତହସିଲର ମୁଜୁମୁଲି ମାନଚିତ୍ର।

**ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍‌ର ତଦନ୍ତକୁ ପୂରିଲା ବର୍ଷେ**

# ୩୪ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି ଜଣେ ଶିକ୍ଷକ

ପଟାଙ୍ଗି,୩।୪(ଶରତ କୁମାର ଧଳ)

- ଅବ୍ୟବସ୍ଥାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
- ବ୍ଲକ୍ ଶିକ୍ଷା ବିଭାଗ ସମାଧାନ କରୁନଥିବା ଅଭିଯୋଗ


ଅମ୍ବାବାଲି କ୍ଲଷ୍ଟର ଅଧୀନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଶିକ୍ଷା ବ୍ୟବସ୍ଥାକୁ ନେଇ ଦେଖା ଦେଉଥିବା ଅବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। କିନ୍ତୁ ଜିଲା ଶିକ୍ଷା ବିଭାଗକୁ ଅନ୍ଧାରରେ ରଖି ବ୍ଲକ୍ ଶିକ୍ଷା ବିଭାଗର ଅବ୍ୟବସ୍ଥାର ନଜିର ରହିଛି। କୋରାପୁଟ ଜିଲାର ଆନ୍ଧ୍ର ରାଜ୍ୟ ସୀମାକୁ ଲାଗି ଥିବା ପଟାଙ୍ଗି ବ୍ଲକରେ ଛାତ୍ରୀଛାତ୍ରଙ୍କ ନାଁରେ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ଅମ୍ବାବାଲି ପଞ୍ଚାୟତରେ ଥିବା ସୋରଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ୩୪ ଛାତ୍ରୀଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷକ ପାଠ ପଢ଼ାଉଛନ୍ତି। ଏହିପରି ଅବ୍ୟବସ୍ଥା ବ୍ଲକ୍ ଶିକ୍ଷା ବିଭାଗର ଅଧିକାରୀ ଓ ସିଆରସିଙ୍କ ଦୃଷ୍ଟିରେ ଥିଲେ ସୁଦ୍ଧା କୌଣସି ସମାଧାନର ବାଟ ବାହାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦଶହରା ଛୁଟି ପୂର୍ବରୁ ବି.ମାମା କୁମାରୀ ସୁବୁଦ୍ଧି ବିଦ୍ୟାଳୟରେ ନୂତନ କରି ଯୋଗ ଦେବା ପରଠାରୁ ଏଯାଏ ଅନୁପସ୍ଥିତ ରହିଛନ୍ତି। ସେହିପରି ବିଦ୍ୟାଳୟରେ କାର୍ଯ୍ୟରତ ଅନ୍ୟ ଜଣେ ଶିକ୍ଷକ ରଞ୍ଜିତ ସେଠୀ ୨୦୨୪ ନଭେମ୍ବରରୁ ଅନ୍ୟତ୍ର ବ୍ଲକ୍‌କୁ ଡେପୁଟେସନ୍‌ରେ ଚାଲିଯାଇଛନ୍ତି। ଏହିପରି ସମସ୍ୟା ଭିତରେ କୌଣସି ଟ୍ରେନିଂ ପଡିଲେ ଶିକ୍ଷକ ବେଣୁଧର ରାଉତଙ୍କୁ ଯିବାକୁ ପଡୁଥିବା ଓ ତାଙ୍କ ସ୍ଥାନରେ ସିଆରସିସି ଅନ୍ୟ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଏହି ସ୍କୁଲକୁ ଡେପୁଟେଶନରେ ଆଣି କାମ ଚଳାଇ ଦେଇଥାନ୍ତି। କିନ୍ତୁ ବିଦ୍ୟାଳୟ ଦାୟିତ୍ୱରେ ରହିବା ଶିକ୍ଷକ ରାଉତଙ୍କ କୌଣସି ବ୍ୟକ୍ତିଗତ କାମ ପଡିଲେ ସେଦିନ ବିଦ୍ୟାଳୟ ବନ୍ଦ କରିବାକୁ ପଡୁଛି। ଏହି ସ୍ଥିତିରେ ଶିକ୍ଷକ ରାଉତ ମାର୍ଚ୍ଚ ୨୬ରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରି ବ୍ଲକ ଶିକ୍ଷାଧିକାରୀଙ୍କୁ ମୁଖ୍ୟ ଅତିଥି କରି ଡାକିଥିଲେ। କିନ୍ତୁ ଶିକ୍ଷାଧିକାରୀଙ୍କ ଅବ୍ୟବସ୍ଥା ପ୍ରତି ଦୃଷ୍ଟି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ୍‌ରେ ଶିକ୍ଷାର ଅବ୍ୟବସ୍ଥାକୁ ନେଇ ଆଦିବାସୀ ଜନପ୍ରତିନିଧିଠାରୁ ଆରମ୍ଭ କରି ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ସେମାନେ କହିଛନ୍ତି।

ଏ ସମ୍ପର୍କରେ ଅମ୍ବାବାଲି କ୍ଲଷ୍ଟର୍‌ର ସିଆରସିସି ଅଜିତ ତରିଆଙ୍କୁ ପଚାରିବାରୁ ବିଦ୍ୟାଳୟ ସମସ୍ୟା ନେଇ ଅବଗତ ଅଛୁ। ସମସ୍ୟା ସମ୍ପର୍କରେ ବ୍ଲକ୍ ଶିକ୍ଷା ବିଭାଗ ସହ ଆଲୋଚନା କରିବି ବୋଲି ସେ କହିଥିଲେ।

# ଯାତ୍ରୀଙ୍କଠାରୁ ଗଞ୍ଜେଇ ଜବତ, ଜଣେ ଗିରଫ

ସେମିଳିଗୁଡା/ସୁନାବେଡା,୩।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ପୋଲିସ ପକ୍ଷରୁ ଦିନ ପାଟ୍ରୋଲିଂ ସମୟରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ବ୍ରହ୍ମପୁର ଡିପଲ୍ ସ୍କୁଲ ନିକଟ ଜୟଦୁର୍ଗା ନଗରର ରାହୁଲ କୁମାର ଭୂୟାଁ(୩୦)। ତାଙ୍କଠାରୁ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସେମିଳିଗୁଡା ଥାନା ଏସ୍ଆଇ ବାବାଜୀ ଚରଣ କୁହଁର ସହକର୍ମୀଙ୍କ ପାଟ୍ରୋଲିଂ କରୁଥିବା ବେଳେ ୨୬ ନମ୍ବର ଜାତୀୟ ରାଜପଥ ନାଲକୋ ଛକ ନିକଟ ଲାଇଟ ହାଉସ ଚର୍ଚ୍ଚ ସମ୍ମୁଖରେ ଜଣେ ଯୁବକ ୨ କପଡା ବ୍ୟାଗ ଧରି ଯାତ୍ରୀ ବସ୍‌କୁ ଅପେକ୍ଷା କରିଥିଲେ। ସନ୍ଦେହ କରି ପୋଲିସ ଯାଞ୍ଚ କରିବାରୁ ସେଥିରୁ ୮ ସେଲୋଟେପ ବନ୍ଧା ହୋଇଥିବା ଗଞ୍ଜେଇ ପ୍ୟାକେଟ ସହ ମୋବାଇଲ ଜବତ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକଙ୍କ ସହ ୨ ସରକାରୀ ସାକ୍ଷ୍ୟଙ୍କ ଉପସ୍ଥିତରେ ଗଞ୍ଜେଇକୁ ଓଜନ କରାଯାଇଥିବା ବେଳେ ଏହାର ଓଜନ ୩୦ କେଜି ୧୦୦ ଗ୍ରାମ ଥିଲା। ଏ ନେଇ ଥାନା ନଂ ୩୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସେମିଳିଗୁଡା ପୋଲିସ ସୂଚନା ଦେଇଛି।

# ଭାଷା ଆନ୍ଦୋଳନରେ କୋରାପୁଟ ଜିଲାର ଭୂମିକା ନେଇ ଆଲୋଚନା

କୋରାପୁଟ,୩।୪(ଅମିତାଭ ବେହେରା)

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନେରିଡିବାଲସା ଓ କୋଟିଆରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପଟାଙ୍ଗି ବ୍ଲକ ଅନ୍ତର୍ଗତ ତାଡିବାଲସାରୁ ନେରେଡିବାଲସା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିଭିନ୍ନ ସ୍ଥାନରୁ ସାହିତ୍ୟିକ ଯୋଗଦେଇଥିଲେ। କବି ରବି ଶତପଥୀ ଓ ଗାଳ୍ପିକ ମଧୁସୂଦନ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ମହତ୍ୱ ବୁଝାଇଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଭାଷା ଆନ୍ଦୋଳନରେ କୋରାପୁଟ ଜିଲାର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଜୟ ପ୍ରଧାନ, ସି.ଏଚ ଶାନ୍ତାକାର ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିବଶଙ୍କର ପଟ୍ଟନାୟକ ଓ ପ୍ରକାଶ କର ପରିଚାଳନା କରିଥିଲେ। ସଭାରେ କୋରାପୁଟର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା ଓ ଶାବର ଶ୍ରୀକ୍ଷେତ୍ର ପରିଚାଳନା ସଂସ୍ଥାର ପୂର୍ବତନ ସମ୍ପାଦକ ଡ. ଜଗବନ୍ଧୁ ସାମଲ, ନାରାୟଣ ପଣ୍ଡା ଓ ଡ.ଝାନସୀ ସିଂହ ଯୋଗଦେଇଥିଲେ। ରବି ଶତପଥୀଙ୍କ ସଭାପତିତ୍ୱରେ ଡ. ପ୍ରୀତିଧାରା ସାମଲ ଦ୍ୱିତୀୟ ଅଧିବେଶନ ପରିଚାଳନା କରିଥିଲେ। ଡ.ଅକ୍ଷୟ କୁମାର ଭଦ୍ର, ଡ.ଦେବୀପ୍ରସାଦ ଭଦ୍ର, ସାଗରିକା ବଳ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ତ୍ରିନାଥ ଗୁରୁ, ଅନିତା ମେଲେକା, ରୋହିଣୀ ଶିରିକା ଓ ବିଜୟ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଦଣ୍ଡନାଚ ବେଳେ ଷଣ୍ଢ ଆକ୍ରମଣରେ କଳାକାର ଆହତ

ଦାମନଯୋଡି,୩।୪(ମାନସ ରଞ୍ଜନ କର)

ଦାମନଯୋଡି ଉପକଣ୍ଠସ୍ଥ ମାଥାଲପୁଟ ଅଞ୍ଚଳରେ ଦଣ୍ଡନାଚ ଚାଲିଥିବା ବେଳେ ଏକ ବୁଲା ଷଣ୍ଢ ଆକ୍ରମଣରେ ଜଣେ ଯାତ୍ରା କଳାକାର ଆହତ ହୋଇଛନ୍ତି। ଆହତ ହେଲେ ପଟ୍ଟାମୁଣ୍ଡାଇ ନିକଟ ପାଇକପଡ଼ା ଅଞ୍ଚଳର ବିଭୂତି ରଣା(୪୭)। ତାଙ୍କୁ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମାଥାଲପୁଟ ଦଣ୍ଡନାଚ ପାଇଁ କୋରାପୁଟରୁ ଆସିଥିବା ନାଚ ଦଳରେ ବିଭୁତି ଗୀତ ଗାଉଥିବା ବେଳେ ଦୁଇଟି ବୁଲା ଷଣ୍ଢ ପରସ୍ପର ସହ ଲଢ଼େଇ କରି ନାଚ ଥିବା ସ୍ଥାନକୁ ମାଡି ଆସି ମଞ୍ଚ ନିକଟରେ ବସି ଗୀତ ଗାଉଥିବା ବିଭୂତିଙ୍କୁ ଆକ୍ରମଣ କରିଥିଲେ। ବିଭୁତିଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା।

# ମାଟ୍ରନ ପଦବୀକୁ ନେଇ ବିଦ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ, ଧାରଣା


ଧାରଣାରେ ବସିଥିବା ମହିଳା।

ଚିତ୍ରକୋଣ୍ଡା, ୩।୪(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ବ୍ଲକ ଆର୍‌ଏସ୍‌ସି ୬ ଗ୍ରାମ ଉଚ୍ଚ ବିଦ୍ୟାଳୟରେ ମାଟ୍ରନ ପଦବୀକୁ ନେଇ ବିଦ୍ୟାଳୟ ସମ୍ମୁଖରେ ମହିଳାମାନେ ବିକ୍ଷୋଭ ସହ ଧାରଣା ଦେଇଛନ୍ତି। ମହିଳାମାନେ କହିଛନ୍ତି, ଆର୍‌ଏସ୍‌ସି ୬ ଉଚ୍ଚ ବିଦ୍ୟାଳୟରେ ମାଟ୍ରନ ପଦବୀ ପାଇଁ ଉକ୍ତ ଗ୍ରାମର ମହିଳାମାନେ ଆବେଦନ କରିଥିଲେ। କିନ୍ତୁ ପ୍ରଶାସନ ତରଫରୁ ଗତ ୨୮।୩।୨୫ ରେ ମେନକା ବାଗଚିଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। କିନ୍ତୁ ଏହି ବିଦ୍ୟାଳୟରେ ଏହି ଗ୍ରାମର ମହିଳାଙ୍କୁ ପଦବୀ ଦେବା ନିୟମ ଥିବା ବେଳେ ମେନକା ଅନ୍ୟ ଗ୍ରାମର ହୋଇଥିବା ବେଳେ କିପରି ତାଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ମେନକାଙ୍କୁ ଏହି ବିଦ୍ୟାଳୟରେ ପୁରାଇବାକୁ ନ ଦେବା ସହ ଏ ସମ୍ବନ୍ଧରେ ନ୍ୟାୟ ଦେବା ନିମନ୍ତେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଦୁଇ ଘଣ୍ଟା ଧାରଣା ଦେବାପରେ ପ୍ରଧାନ ଶିକ୍ଷକ ମହିଳାମାନଙ୍କୁ ବୁଝାସୁଝା କରିବା ସହ ଏ ସମ୍ବନ୍ଧରେ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ନିମନ୍ତେ ପ୍ରତିଶୃତି ଦେଲା ପରେ ଧାରଣାରୁ ଓହରିଥିଲେ। ଧାରଣାରେ ଦୋରାଗୁଡା ସରପଞ୍ଚ ଭଗବତୀ ନାୟକ, ସମିତିସଭ୍ୟା ହିରାମଣୀ ଖରା, ଅଭିମନ୍ୟୁ ସୁକ୍ରି, ପରିଚାଳନା କମିଟି ସଭାପତି ଚିଡା କିର୍ଷାନୀ, ଚଞ୍ଚଳା ବଡନାୟକଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଧାରଣାରେ ବସିଥିଲେ।

# ପରିବର୍ତ୍ତନଶୀଳ ପ୍ରକୃତିକୁ ସୁଧାର ଅଣାଯିବ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ମାଲକାନଗିରି, ୩।୪(ଦୁର୍ଯ୍ୟୋଧନ ପାତ୍ର)

**ସବୁଜ ବାହିନୀ ଛାତ୍ରଛାତ୍ରୀଙ୍କ ଦୁଇଦିନିଆ କର୍ମଶାଳା**

ପରିବର୍ତ୍ତନଶୀଳ ପ୍ରକୃତିକୁ କିପରି ଜଙ୍ଗଲ ବଞ୍ଚାଇ ସୁଧାର ଅଣାଯିବ ସେ ନେଇ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମାଲକାନଗିରି ଜିଲା ବଳକ ଉଚ୍ଚ ବିଦ୍ୟାଳୟ, ସତୀଗୁଡା ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରକୃତି ବଞ୍ଚାଅ ଦୁଇଦିନିଆ କାର୍ଯ୍ୟକ୍ରମ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲୀଙ୍କ ନିର୍ଦ୍ଦେଶ କ୍ରମେ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଶିକ୍ଷକ ଏବଂ ବନାଞ୍ଚଳ ଅଧିକାରୀ ପ୍ରକୃତି କିପରି ପରିବର୍ତ୍ତନ ହୋଇଛି, ପରିବେଶ ପ୍ରତି ଏହାର କିପ୍ରକାର କୁ ପ୍ରଭାବ ତାର ବିଭିନ୍ନ କାରଣ ସହ ଚାରାରୋପଣ ଓ ଜଙ୍ଗଲ ସୁରକ୍ଷା କିପରି ଅପରିହାର୍ଯ୍ୟ ସେ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ। ନିକଟସ୍ଥ ଜଙ୍ଗଲକୁ ଯାଇ ବିଲୁପ୍ତ ହେଉଥିବା ବାଉଁଶ ଜଙ୍ଗଲ କିପରି ପୁନରୁଦ୍ଧାର ହେବ, ସୁରକ୍ଷା ଓ ଅଗ୍ନିଦାଉରୁ ରକ୍ଷା ଇତ୍ୟାଦି ସମ୍ବନ୍ଧରେ ବୁଝା ଯାଇଥିଲା। ଅପରାହ୍ନରେ ଏମ୍‌ଭି ୭ କେନ୍ଦ୍ରୀୟ ନର୍ସରି ପରିଦର୍ଶନ କରି ୬୦ ପ୍ରଜାତିର ଚାରା ଚିହ୍ନଟ ସହ ସେ ଗୁଡିକରେ କି ଉପକାର ହୁଏ, କିପରି ରୋପଣ କରା ଯାଏ ସେ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଶୁକ୍ରବାର କାଲି ଜଙ୍ଗଲ ନିଆଁ, ପଶୁ ପକ୍ଷୀ ଶିକାର, ସୀମାନ୍ତ ଜଦୁ ପାହାଡରେ ବିଭିନ୍ନ ବୃକ୍ଷରାଜୀ ଚିହ୍ନଟ, ତା'ର ସୁରକ୍ଷା ସହ ଉପକାର ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବନପାଳ ଦିବାକର ପାଳଙ୍କ ସହ ବନବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଏମ୍‌ଭି ୧୨୦ ପୋଲ ନିକଟ କେନାଲ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

କୋରୁକୋଣ୍ଡା,୩।୪(ଶିବଦତ୍ତ ସାହୁ)

- ବାଲିମେଳା ପୋଟେରୁ ଜଳସେଚନ ବିଭାଗ
- ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବନି : ମୁଖ୍ୟ ନିର୍ମାଣ ଯନ୍ତ୍ରୀ
- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଅଞ୍ଚଳବାସୀ

ବାଲିମେଳା ସହରରେ ଥିବା ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ଗୋମ୍ପାକୋଣ୍ଡା କେନାଲର ଏମ୍‌ଭି -୧୨୦ ଗ୍ରାମ ନିକଟ ବ୍ରିଜ୍‌ର ଅପରପାର୍ଶ୍ୱରେ ଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା କେତେକ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବାନୁସାରେ ଉକ୍ତ ରାସ୍ତା କାର୍ଯ୍ୟରେ କେବଳ କ୍ରଶର ମ୍ୟାଟେରିଆଲ ବ୍ୟବହାର କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ କାର୍ଯ୍ୟରେ ନାମକୁମାତ୍ର ଅଳ୍ପ କିଛି ପରିମାଣର କ୍ରଶର ମେଟାଲ ବିଛାଇ ସେଥିରେ ଅଧିକାଂଶ ନାଲି ମାଟି ମିଶା ମେଟାଲ ବିଛାଇ ରୋଲର ଚଢା ଯାଉଥିବା ଦେଖିବାକୁ ମିଳିଛି।

କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକାଦାରଙ୍କୁ ଲୋକାଲ ମେଟାଲ ବିଛାଇବାକୁ ବାରଣ ନ କରି କିପରି ଚୁପ୍ ରହିଲେ ବୋଲି ଲୋକେ ଏଭଳି ପ୍ରଶ୍ନ କରିଛନ୍ତି। ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି ବ୍ରିଜ୍‌ର ଅପର ପାର୍ଶ୍ୱରେ ଥିବା କେନାଲ ବନ୍ଧ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ବହୁବାର ପୋଟେରୁ ଜଳ ସେଚନ ବିଭାଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି ଜଣାଇବା ପରେ ବନ୍ଧ ରାସ୍ତା ନିର୍ମାଣ ନିମନ୍ତେ କିଛି ମାସ ପୂର୍ବେ ବାଲିମେଳା ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଏହା ସରିବା ପରେ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଏମ୍‌ଭି -୧୫ ଗ୍ରାମର ଅମିତ ପାଉଲଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଗତ ଏକ ସପ୍ତାହ ମଧ୍ୟରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠଯନ୍ତ୍ରୀ ଦୀନବନ୍ଧୁ ପାତ୍ର ଏବଂ ଏସ୍‌ଡିଓ ସୌମେନ କୁମାର ନାଥଙ୍କୁ ପଚାରିବାରୁ ସେମାନେ କହିଛନ୍ତି, ଉକ୍ତ ରାସ୍ତାରେ ଠିକାଦାର ବିଛାଇଥିବା ସମସ୍ତ ଲୋକାଲ ମେଟାଲକୁ ସେଠାରୁ ବାହାର କରିଦେବେ ବୋଲି କହିଥିଲେ।

ଜିଲା ପ୍ରଶାସନ ପକ୍ଷରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀଙ୍କୁ ପଚାରିବାରୁ ଏଭଳି ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ନିର୍ମାଣାଧୀନ ରାସ୍ତା।

# ଦଣ୍ଡଯାତ୍ରା ପାଇଁ ବାଲିମେଳା ଉତ୍ସବମୁଖର

କୋରୁକୋଣ୍ଡା,୩।୪(ଶିବଦତ୍ତ ସାହୁ)

ବାଲିମେଳା ସହର ମା' ଦଣ୍ଡକାଳୀ ମନ୍ଦିର ପରିଚାଳନା କମିଟି ତରଫରୁ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଏହା ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଏହି ଅବସରରେ ମଙ୍ଗଳବାର ଓଡ଼ିଆ ସାହିରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ଧୂଳିଦଣ୍ଡ ପରିବେଷଣ କରିଥିଲେ। ମହାବିଷୁବ ସଂକ୍ରାନ୍ତିରେ ଦୁର୍ଗାମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ମେରୁଯାତ୍ରା ଅନୁଷ୍ଠିତ ହେବ। ଯାତ୍ରା ସୁରୁଖୁରୁରେ ଶେଷ ଲାଗି ପ୍ରସ୍ତୁତି କରାଯାଇଥିବା ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ମାହାନ୍ତି, ଉପସଭାପତି ରାମ ବାରିକ, ସମ୍ପାଦକ ବାବୁଲା ଡାକୁଆ, ଯୁଗ୍ମ ସମ୍ପାଦକ ସୁଶାନ୍ତ ମହାରଣା ଓ ଅନ୍ୟ କର୍ମକର୍ତ୍ତା କହିଛନ୍ତି। ଅନେକ ମାନସିକଧାରୀଙ୍କ ମନସ୍କାମନା ପୂରଣ ଓ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଦଣ୍ଡଯାତ୍ରା କରିଥାନ୍ତି। ଚଳିତ ବର୍ଷ ଯାତ୍ରା ବାଲିମେଳାର ବିଭିନ୍ନ ଅଞ୍ଚଳରେ ୮ ଦିନ, ନବରଙ୍ଗପୁରରେ ୨ ଦିନ, ଦାମନଯୋଡ଼ିରେ ଦିନେ, ସୁନାବେଡ଼ାରେ ଦିନେ ଏବଂ ବୈପାରିଗୁଡ଼ାରେ ଗୋଟିଏ ଦିନ ପରିବେଷଣ କରିବା ପାଇଁ କମିଟି ପକ୍ଷରୁ ସ୍ଥିର ହୋଇଛି। ତେବେ ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।


ଲୁଗାବୁଣା ଦଣ୍ଡରେ ଦଣ୍ଡୁଆମାନେ।

# ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ

କାଲିମେଳା,୩।୪(ଜୀବନ କୃଷ୍ଣ ଦାସ)

କାଲିମେଳା ବ୍ଲକ ପଛପଟେ ଥିବା ଇପିଡିପି କଲୋନୀରେ ଥିବା ଜଣେ ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ଇପିଡିପି କଲୋନୀର ପ୍ରମିଳା ଦତ୍ତ (୨୨)। କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ରଖିଥିବା ବେଳେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ପ୍ରମିଳାଙ୍କୁ ତାଙ୍କ ଶାଶୁ ଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ସହ ହତ୍ୟା କରି ଝିଅକୁ ଟାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ବାପ ଘର ଲୋକେ। ସୂଚନା ଅନୁଯାୟୀ, ଗତ ଦୁଇବର୍ଷ ତଳେ ପ୍ରସନଜିତ ଏମଭି ୧୦୯ ଗ୍ରାମର ରାମକ୍ରିଷ୍ଣ କବିରାଜଙ୍କ ଝିଅ ପ୍ରମିଳାଙ୍କୁ ବିବାହ କରିଥଲେ। କିନ୍ତୁ ଶାଶୁଘର ଲୋକେ ପ୍ରମିଳାଙ୍କୁ ପସନ୍ଦ କରୁ ନ ଥିବା ବେଳେ ପରିବାର ମଧ୍ୟରେ ଅଶାନ୍ତି ରହୁଥିଲା।

# ବେଙ୍ଗଲୀ ଗ୍ରାମକୁ ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ଆଦିବାସୀ ମହାସଂଘର ବିରୋଧ

ମାଲକାନଗିରି,୩।୪(ଦୁର୍ଯ୍ୟୋଧନ ପାତ୍ର)


ଖବରଦାତା ସମ୍ମିଳନୀରେ ଆଦିବାସୀ ସଂଘ କର୍ମକର୍ତ୍ତା।

ଜିଲା ଆଦିବାସୀ ସମାଜ ମହାସଂଘ କର୍ମକର୍ତ୍ତା ଗୁରୁବାର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ବେଙ୍ଗଲୀ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ସରକାରଙ୍କ ପ୍ରସ୍ତାବକୁ ବିରୋଧ କରିଛନ୍ତି। ସମ୍ବିଧାନରେ ପ୍ରଦତ୍ତ ୫ମ ଅନୁସୂଚିରେ ଖଣ୍ଡ ପାରା ୫(୨) କ, ଖ ଅନୁଯାୟୀ ଏହିଭଳି ଉପାନ୍ତ ଓ ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଅଣ ଆଦିବାସୀଙ୍କୁ ସ୍ଥାନୀୟ ଅଞ୍ଚଳରେ ବିନା ଅନୁମତିରେ ଥଇଥାନ କରିବା ବେଆଇନ କାର୍ଯ୍ୟ। କେଉଁ ନିୟମ ବଳରେ ହଜାର ହଜାର ବଙ୍ଗୀୟ ସରଣାର୍ଥୀ ସମସ୍ତେ ଅନ୍ୟ ଅଣ ଆଦିବାସୀଙ୍କୁ ଏହି ଅଞ୍ଚଳରେ ବସତି ସ୍ଥାପନ କରାଗଲା। ବିଗତ ସରକାର ସମୟରେ ଏହି ଅଞ୍ଚଳରେ କେତେକ ବଙ୍ଗୀୟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ନିମନ୍ତେ ଠିଠା ପ୍ରସ୍ତୁତ ବେଳେ ଏହାକୁ ଜିଲା ଆଦିବାସୀ ସମାଜ ମହାସଂଘ ତରଫରୁ ପ୍ରତିବାଦକରି ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର କଲାପରେ ହାଇକୋର୍ଟ ଆଦିବାସୀ ସପକ୍ଷରେ ସ୍ୱତନ୍ତ୍ର ଗ୍ରାମସଭା ନିଷ୍ପତିକୁ ଗୁରୁତ୍ୱ ଦେବାକୁ ରାୟ ଦେଇଥିଲେ। ବର୍ତ୍ତମାନ ସରକାର ଏହି ନିୟମ ଉଲ୍ଲଙ୍ଘନ କରି ପୁନର୍ବାର ରାଜସ୍ୱ ଗ୍ରାମ ମନ୍ୟତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଯଦିଓ ସରକାର ବଙ୍ଗୀୟ ଶରଣାର୍ଥୀଙ୍କୁ ଏହି ଜିଲାରେ ଥଇଥାନ କଲେ ସେହି ସମୟର ଅପେକ୍ଷା ବର୍ତ୍ତମାନ ଦଶ ଗୁଣ ବଙ୍ଗଳାଦେଶୀମାନେ ଆସି ସମସ୍ତ ଅଞ୍ଚଳରେ ବିଛେଇ ଯାଇଛନ୍ତି। ଏଥିସହ ବଙ୍ଗୀୟମାନଙ୍କୁ ଏଠାରେ ଥଇଥାନ ସହ ସେମାନଙ୍କୁ ଭୋଟର, ଆଧାର, ରାସନ କାର୍ଡ, ଜାତିଗତ ଓ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ କରାଯାଉଛି। ଘରବାରୀ ଓ ଚାଷ ଜମି ପ୍ରଦାନ କରିବାକୁ ସରକାର ତତ୍ପରତା କାହିଁକି ଦେଖାଉଛନ୍ତି। ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ଏହି ସମସ୍ତ ପ୍ରାମଣପତ୍ର କିମ୍ବା ପଟ୍ଟା ମିଳିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଜିଲାର ସରଳ ନିରୀହ ଆଦିବାସୀଙ୍କୁ ନିଜ ଭିଟାମାଟିରୁ ଛଡାଇ ବିସ୍ଥାପନ କରି ମାରିଦେବାକୁ ଚେଷ୍ଟା କରୁଛନ୍ତି। ଏହାକୁ ସଂଘ ବରଦାସ୍ତ କରିବ ନାହିଁ। ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହାସଂଘ ସଭାପତି ବନ୍ଧୁ ମୁଦୁଲି, ବୁଦ୍ରା କାର୍ତ୍ତାମୀ, ବାଗା ମାଡକାମି, ଜାରାଶବର ମାଢ଼ି, ଘେନୁ ମୁଦୁଲି, ଲବ ପୂଜାରୀ, କୁମାର ଜାଲିଆ, ଏରା ପଡିଆମି, ଡି. କାମେଶ୍ୱର ରାଓ, ବାବୁଲୁ ମୁର୍ମୁ ପ୍ରମୁଖ ପ୍ରକାଶ କରିଛନ୍ତି।

# ସପ୍ତାହରେ ଗୋଟେ ଦିନ ହସ୍ତତନ୍ତ ପୋଷାକ ପରିଧାନ କରାଯିବ: ଜିଲାପାଳ

■ ଓଡ଼ିଆ ପାରମ୍ପରିକ ପୋଷାକ ପରିଧାନ ଦିବସ

■ 'ଆମ ପୋଷାକ, ଆମ ପରିଚୟ' ଆଲୋଚନାଚକ୍ର

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଓଡ଼ିଆ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ କର୍ମଚାରୀ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଚିନ୍ତନ କକ୍ଷରେ 'ଆମ ପୋଷାକ, ଆମ ପରିଚୟ' ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସପ୍ତାହକେ ଥରେ ଜିଲାର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିବା ନେଇ ଜିଲାପାଳ ନିଷ୍ପତ୍ତି ନେଇଥିବା ଅତିରିକ୍ତ ଜିଲାପାଳ ନାୟକ ସୂଚନା ଦେଇଥିଲେ । ଏଥିରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ମୁଖ୍ୟବକ୍ତା ଭାବେ ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଓ ବୁଣାକାରଙ୍କ ଜୀବନ ଧାରାର ମାନ ବୃଦ୍ଧି କରିବା ସହ ଆଞ୍ଚଳିକ ପରିଚୟ ପରିପ୍ରକାଶ କରୁଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜିଏମ, ହସ୍ତତନ୍ତ ବିଭାଗ ସହ ନିର୍ଦ୍ଦେଶକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦାନ କରଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ପରିଚାଳନା କରିଥିଲେ ।



ଓଡ଼ିଆ ପକ୍ଷ ପାଳନ ଅବସରରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରିଛନ୍ତି।

# ଏଣିକି ସକାଳ ୭ରୁ ୧୦ ଯାଏଁ ହେବ ଜନଶୁଣାଣି

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)

**ଏପ୍ରିଲ ୧୦ରୁ ଜୁନ୍ ୧୫ ଯାଏଁ ସକାଳୁଆ ଅଫିସ୍**

ଗ୍ରୀଷ୍ମ ତାତିକୁ ଦୃଷ୍ଟିରେ ରଖି ଚଳିତ ମାସଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଏଣିକି ସକାଳୁଆ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ଏ ନେଇ ରାଜ୍ୟ ସରକାରଙ୍କ ଜିଏ ଆଣ୍ଡ ପିଜି ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚିଠି ନଂ୧୦୫୧୧ରେ ନିର୍ଦ୍ଦେଶ ଜାରି କରାଯାଇଛି । ଉକ୍ତ ଚିଠିରେ ବିଭିନ୍ନ ନିୟମାବଳୀ ପାଳନ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ଆସନ୍ତା ୭ ତାରଖଠାରୁ ସକାଳ ୭ରୁ ୧୦ଟା ଯାଏଁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଏଥିରେ ଅଭିଯୋଗ ସଂଖ୍ୟା କମ୍ ରଖି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଅସୁସ୍ଥ ବ୍ୟକ୍ତିବିଶେଷ ଏବଂ ମୁଖ୍ୟମନ୍ତ୍ରୀ ସହାୟତା ରାଶି ସହଯୋଗ ଆଶା କରୁଥିବା ବ୍ଯକ୍ତିବିଶେଷଙ୍କୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ରହିଛି। ତତ୍ସହିତ ଉପଯୁକ୍ତ ବସିବା ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏତଦବ୍ୟତୀତ ଉଭୟ ଅନଲାଇନ୍ ଓ ଅଫଲାଇନ୍ ଅଭିଯୋଗଗୁଡ଼ିକର ଶୁଣାଣି କରି ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ରହିଛି । ଏ ନେଇ ଜିଲାପାଳ ପାରୁଲ ପଟାୱରି ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସେହିଭଳି ଏପ୍ରିଲ ୧୦ ରୁ ଜିଲାର ସମସ୍ତ କାର୍ଯ୍ୟାଳୟ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବା ପାଇଁ ଜିଲାପାଳ ତାଙ୍କ କାର୍ଯ୍ୟାଳୟ ଚିଠି ନଂ ୬୮୭ରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶାନାମା ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ତାଙ୍କ ଚିଠିରେ ଉଲେଖ କରିଛନ୍ତି ।

# ୬ ଚୋରା ବାଇକ୍ ଜବତ, ୨ ଗିରଫ



ଜବତ ଚୋରା ବାଇକ୍ ସହ ଗିରଫ ୨ ଅଭିଯୁକ୍ତ ।

ଜେକେ ପୁର,୩।୪ (ରାଜେଶ ବିଶ୍ୱାଳ)

ରାୟଗଡା ଜିଲା ଚାନ୍ଦିଲି ଥାନା ପୋଲିସ୍ ୬ଟି ଚୋରା ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୋରାପୁଟ ଜିଲା ବନ୍ଧୁଗାଁ ଗ୍ରାମର ବିଜୟ କୁମାର୍ ମାଣ୍ଡିଆ ସାହୁ (୨୭) ଏବଂ ରାୟଗଡା ରାଣୀଗୁଡ଼ା ଫାର୍ମ ଅଞ୍ଚଳର ହରେଶ ଖମାରୀ (୨୩)। ଏହି ମାମଲାରେ ଜଣେ ନାବାଳକ ଅପରାଧୀଙ୍କୁ ପୋଲିସ ଧରି ବାଳ ସୁଧାର ଗୃହକୁ ପଠାଇଥିବା ଚାନ୍ଦିଲି ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କୋତାପେଟାର ଅଡପତିଗୁଡା ଗ୍ରାମ ରମେଶ ତୋଇକଙ୍କ ବାଇକ୍ ପାର୍କିଂ କରି ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ଫେରିବା ପରେ ଗାଡି ସେଠାରେ ନ ଥିବାରୁ ପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ଗାଡି ନ ପାଇବା ପରେ ସେ ଗତ ୨୬ ତାରିଖରେ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୯୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସର ମିଳିତ ଅଭିଯାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୬ଟି ଚୋରା ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ବେହେରା ପ୍ରେସ୍ ରିଲିଜ୍ ମାଧ୍ୟମରେ ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ବିଡିଓ

■ ମେଡିକାଲରେ ଅଂଶୁଘାତ ରୋଗୀଙ୍କୁ ପ୍ରାଥମିକତା ଦେବାକୁ ଗୁରୁତ୍ୱ

■ ନିର୍ଦ୍ଧାରିତ ସମୟସୀମାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ

ଗୁଡାରି, ୩।୪ (ପ୍ରମୋଦ କୁମାର ପତି )

ଗୁଡାରି ବ୍ଲକ୍ ବିଡିଓ ସୁଚିସ୍ମିତା ବେହେରା ଗୁରୁବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗୁରୁବାର ଅପରାହ୍ନରେ ବିଡ଼ିଓ ବେହେରା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଗ୍ରୀଷ୍ମ ପ୍ରବାହର ମୁକାବିଲା ନେଇ ପ୍ରସ୍ତୁତି ସମ୍ପର୍କରେ ବୁଝିବା ସହ ସ୍ଥିତି ସମୀକ୍ଷା କରିଥିଲେ। ମେଡିକାଲରେ ସର୍ବଦା ପାନୀୟ ଜଳ ପ୍ରଚୁର ପରିମାଣରେ ରଖିବା ସହ ଓଆରଏସ୍ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଅଂଶୁଘାତ ଚିକିତ୍ସା କେନ୍ଦ୍ର ଓ ଅନ୍ତଃ ବିଭାଗ ବୁଲି ଦେଖିବା ସହ ମେଡିକାଲର ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ମେଡିକାଲ ଅଧିକାରୀ ସ୍ୱାଗତ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ।

ସେହିପରି ଗୁରୁବାର ସକାଳେ ଗୁଡାରି ବ୍ଲକ୍ ଖାରୀଗୁଡା ଗ୍ରାମପଞ୍ଚାୟତର ଟେଡିକଣା ଓ ସାନହୁମା ପଞ୍ଚାୟତର ଲୋକନାଥପୁରରେ ନିର୍ମାଣଧୀନ ବିଦ୍ୟାଳୟ କୋଠା କାର୍ଯ୍ୟ ତଦାରଖ କରିଥିଲେ। ପରେ ସ୍ଥାନୀୟ ନିର୍ମାଣଧୀନ ଡ୍ରେନ କାର୍ଯ୍ୟ ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ଠିକାଦାର ଓ ଯନ୍ତ୍ରୀଙ୍କୁ ବିଡିଓ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ବିଡ଼ିଓଙ୍କ ଗସ୍ତ ସମୟରେ ସହକାରୀ ଯନ୍ତ୍ରୀ ସସ୍ମିତା ଶବର, କନିଷ୍ଠ ଯନ୍ତ୍ରୀ ସ୍ନେହାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓ ସୁଚିସ୍ମିତା ବେହେରା ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ଘଟପର୍ବ ପାଇଁ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ ସମୟରେ ଅଧିକାରୀଙ୍କ ସହ ଗ୍ରାମବାସୀ ।

ଗୁଡାରି,୩।୪ (ପ୍ରମୋଦ କୁମାର ପତି)

ଗୁଡାରି ଜଗନ୍ନାଥ ମନ୍ଦିର ପରିସରରେ ମା' ଠାକୁରାଣୀଙ୍କ ଘଟପର୍ବ ନିମନ୍ତେ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ପୁରୋହିତ ଉଦ୍ଧବ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦିତ କରିଥିବାବେଳେ କମିଟି ସଭାପତି ବିଷ୍ଣୁ ପ୍ରସାଦ ଦେଓ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମା'ଙ୍କ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଆସନ୍ତା ୩୦ ତାରିଖରେ ମା'ଙ୍କ ଘଟ ଆସିବ ଏବଂ ମେ ୧୧ରେ ଘଟ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଘଟପର୍ବରେ ମୀନା ବଜାର ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଘଟ ବିସର୍ଜନ ଦିନ କଳାହାଣ୍ଡି କଟାପା ଏବଂ ଟିମ୍ଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଶୁଭଖୁଣ୍ଟି ସ୍ଥାପନ ସମୟରେ ବିଡ଼ିଓ ସୁଚିସ୍ମିତା ବେହେରା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ଏନ୍ଏସି ଅଧ୍ୟକ୍ଷା ସରମିତା ଶବରଙ୍କ ସମେତ କମିଟି ସଦସ୍ୟ ଓ ସହରବାସୀ ଉପସ୍ଥିତ ଥିଲେ।

# ଉତ୍କଳ ଆଲୁମିନା ତରଫରୁ ୭୨ ସ୍କୁଲକୁ ଡେସ୍କ, ବେଞ୍ଚ ପ୍ରଦାନ

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଶିକ୍ଷା ଭିତ୍ତିଭୂମି ବିକାଶ ପାଇଁ ସହାୟତାର ହାତ ବଢାଇଛି ଉତ୍କଳ ଆଲୁମିନା ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍। ଜିଲା ପ୍ରଶାସନ ଅନୁରୋଧକ୍ରମେ ଉତ୍କଳ ଆଲୁମିନା କାରଖାନା ତରଫରୁ ଜିଲାରେ ୧୧ଟି ବ୍ଲକ୍ରେ ୭୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଡୁଆଲ ଡେସ୍କ ବେଞ୍ଚ ପ୍ରଦାନ କରାଯାଇଛି। ଏହି କ୍ରମରେ ମୋଟ ୨,୦୧୩ଟି ଡେସ୍କ ବେଞ୍ଚ ପ୍ରଦାନ କରାଯିବା ନେଇ ଧାର୍ଯ୍ୟ ହୋଇଥିଲା । ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୨୫ଟି ବିଦ୍ୟାଳୟକୁ ମୋଟ ୭୦୭ଟି ଡେସ୍କ ପ୍ରଦାନ କରାଯାଇଛି। ବଳକା ୧୩୦୬ଟି ଡେସ୍କ ବେଞ୍ଚ ଖୁବ୍ଶୀଘ୍ର ଜିଲାର ୪୭ଟି ବିଦ୍ୟାଳୟକୁ ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କ ସୁବିଧାକୁ ଆଖି ଆଗରେ ରଖି ଏହି ଡୁଆଲ ଡେସ୍କ ବେଞ୍ଚ ଫଳପ୍ରଦ ହେବ ବୋଲି କାରଖାନା ତରଫରୁ କୁହାଯାଇଛି। ଛାତ୍ରୀଛାତ୍ର ଶ୍ରେଣୀଗୃହରେ ଅଧ୍ୟୟନ ପାଇଁ ଏହି ଡେସ୍କଗୁଡ଼ିକ ଉପଯୋଗୀ ହେବା ସହ ପାଠପଢ଼ାରେ ସମ୍ପୂର୍ଣ୍ଣ ଭାବେ ସହାୟକ ହେବ ବୋଲି ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ ପ୍ରକାଶ କରିଛନ୍ତି । ଗୁରୁବାର ରାୟଗଡ଼ା ସହରର ଗାନ୍ଧୀନଗର ପ୍ରାଥମିକ ବିଦ୍ୟାଳୟରେ ଡେସ୍କ ବେଞ୍ଚ ପ୍ରଦାନ ବେଳେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ, କମ୍ପାନୀ ସିଏସ୍ଆର ବିଭାଗର ମୁଖ୍ୟ ଲୋପାମୁଦ୍ରା ମିଶ୍ର, କମ୍ପାନୀ ଲୋକ ସମ୍ପର୍କ ଓ କର୍ପୋରେଟ ଆଫେୟାର ବିଭାଗ ସାଧାରଣ ପରିଚାଳକ ପୀତାମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଡେସ୍କ ବେଞ୍ଚ ପ୍ରଦାନ ବେଳେ ଡିଇଓଙ୍କ ସହ କମ୍ପାନୀ କର୍ତ୍ତୃପକ୍ଷ ।

# ପୂର୍ବତନ ମେୟରଙ୍କ ନାମରେ ମାମଲା

**ଦୋକାନ ଗୃହ ଭଙ୍ଗାରୁଜା ଅଭିଯୋଗ**

ଗୋପାଳପୁର,୩।୪(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଘର ଭଙ୍ଗାରୁଜା କରିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିବା ନେଇ ଗୁରୁବାର ସ୍ଥାନୀୟ ଥାନାରେ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ନାମରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ ଗୋଷାଣୀ ନୂଆଗାଁ ଅଞ୍ଚଳର ଲଳିତ ମଙ୍ଗରାଜଙ୍କ ସହ ପୂର୍ବତନ ମେୟର ଦାଶଙ୍କ ହଳଦିଆପଦର ମୌଜାରେ ଥିବା ୨୩୫ ଡେସିମିଲ ବିଶିଷ୍ଟ ଏକ ଜମିର ମାଲିକାନା ନେଇ ବିବାଦ ରହିଛି। ଏ ନେଇ ହାଇକୋର୍ଟରେ କେସ୍ ନଂ. ଆରଏସଏ ୪୮୪ ଓ ୪୮୫/୨୪ରେ ମାମଲା ବିଚାରଧୀନ ଅଛି। ଉକ୍ତ ଜମିରେ ଦୁଇଟି ଦୋକାନ ଗୃହ ରହିଛି। ଗୁରୁବାର ସକାଳେ ପୂର୍ବତନ ମେୟର ଦାଶଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଯୁବକ ବାଇକ୍ ଓ ସ୍କୁଟିରେ ବନ୍ଧୁକ, ଖଣ୍ଡା, ଲାଠି ଓ ଲୁହା ରଡ଼ ଧରି ଆସି ହିଟାଚି ମାଧ୍ୟମରେ ଦୁଇଟି ଦୋକାନ ଗୃହକୁ ଭାଙ୍ଗି ଦେବା ସହ ଦୋକାନରେ ଥିବା ସାମଗ୍ରୀକୁ ନଷ୍ଟ କରିଦେଇଥିଲେ। ଲଳିତଙ୍କୁ ବିଭିନ୍ନ ଧମକ ଚମକଚମକ ଦେଇଥିଲେ। ଏ ନେଇ ଲଳିତ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବତନ ମେୟର ଦାଶ ଓ ୨୦ରୁ ଉର୍ଦ୍ଧ୍ୱ ଜଣଙ୍କ ନାମରେ ପୋଲିସ ନଂ .୧୩୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗାଡ଼ି ଧକ୍କାରେ ଯୁବତୀ ମୃତ

ରମ୍ଭା,୩।୪(ବନବାସୀ ସେଠୀ)

ରମ୍ଭା ୧୬ ନମ୍ବର ଜାତୀୟ ରାଜପଥ ବାଇପାସର ଭାଲୁ ବନ୍ଧ ପାର୍ଶ୍ୱରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରମ୍ଭା ବଜାର ମେଦିରିସାହିର ନୀଳାମ୍ବର ବେହେରାଙ୍କ ସାନଝିଅ ସୁଲୋଚନା ( ୨୯)। ସେ ପାହାନ୍ତିଆ ସମୟରେ ଠାକୁରାଣୀ ମନ୍ଦିର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସୁଲୋଚନାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଛତ୍ରପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଓଏଭି ଦଶମ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାମନାଗୁଡା,୩।୪ (ସଞ୍ଜୟ ପ୍ରଧାନ)

ରାୟଗଡା ଜିଲା ରାମନାଗୁଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇଲିଶ ଶିକ୍ଷକ ସିଲଭେଷ୍ଟର ସୋରେଙ୍ଗ ଏକ ପ୍ରେରଣାଦାୟକ ଭାଷଣ ଦେଇ ଆନୁଷ୍ଠାନିକ ଭାବରେ ସମାରୋହକୁ ଉଦ୍ଘାଟନ କରିଥିଲେ। ପରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଧରଣୀ ଶବରଙ୍କ ଦ୍ୱାରା ଏକ ମନୋରମ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନବମ ଶ୍ରେଣୀର ଛାତ୍ରୀମାନେ ଏକ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପରେ ବରିଷ୍ଠ ଛାତ୍ରୀଛାତ୍ର ସେମାନଙ୍କ ସ୍କୁଲର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିକ୍ଷକ ଉଦ୍ଧବ ନାୟକ, ଅବିରାମ ମଣ୍ଡଳ, ସୁବାସ ସଂବୁଟିକା, ଆଶୁତୋଷ ପାତ୍ର ଏବଂ ସୀମାଞ୍ଚଳ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ଶେଷରେ କେକ୍ କଟାଯିବା ସହ ଗ୍ରୁପ ଫଟୋ ଉତ୍ତୋଳନ କରାଯାଇଥିଲା।




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

# ମୃତ ସ୍ୱାମୀଙ୍କ ସିଲିକନ୍ ପ୍ରତିମୂର୍ତ୍ତି ସ୍ଥାପନକଲେ ସ୍ତ୍ରୀ

ମୁନିଗୁଡ଼ା,୩।୪ (ନନ୍ଦ କିଶୋର ପଟ୍ଟନାୟକ)

ମୃତ ସ୍ୱାମୀଙ୍କ ଅନୁପସ୍ଥିତି ଦୂରକରିବା ପାଇଁ ନିଜ ଘରେ ସିଲିକନ୍ ପ୍ରତିମୂର୍ତ୍ତି ନିର୍ମାଣ କଲେ ସ୍ତ୍ରୀ। ଏପରିକି ହିନ୍ଦୁ ରୀତିନୀତିରେ ପୂଜକଙ୍କ ଦ୍ୱାରା ମନ୍ତ୍ରପାଠକରି ପ୍ରତିମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ମଧ୍ୟ କରାଇଛନ୍ତି। ରାୟଗଡ଼ା ଜିଲା ମୁନିଗୁଡ଼ା ଡାକ୍ତର ସମୀର ରାୟଙ୍କ ସ୍ତ୍ରୀ ସାଗରିକା ରାୟ ଏଭଳି ଭିନ୍ନ ପଦକ୍ଷେପ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ସମୀର ରାୟ ପଶ୍ଚିମବଙ୍ଗରୁ ଆସି ଦୀର୍ଘଦିନ ଧରି ମୁନିଗୁଡ଼ାରେ ରହିବା ସହ ଆଖପାଖ ଅଞ୍ଚଳରେ ଗାଁକୁ ଗାଁ ବୁଲି ଲୋକଙ୍କ ବିଭିନ୍ନ ରୋଗର ଚିକିତ୍ସା କରୁଥିଲେ । ହେଲେ ଗତ ୨ବର୍ଷ ତଳେ ଡାକ୍ତର ସମୀର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ, ପୁଅ,ଝିଅ ସମସ୍ତେ ଭାଙ୍ଗି ପଡିବା ସହ ଏତେ ବଡ଼ ଘରଟା ଭିତରେ ଅସହାୟ ଅନୁଭବ କରିଥିଲେ। ଫଳରେ ସ୍ୱାମୀଙ୍କ ପ୍ରତିମୂର୍ତ୍ତି ଘରେ ସ୍ଥାପନକରି ରଖିବାକୁ ଇଚ୍ଛା କରିଥିଲେ ସାଗରିକା। ଏଥିପାଇଁ ୨ବର୍ଷ ପରେ ସ୍ୱାମୀଙ୍କ ପ୍ରତିରୂପ ଏକ ସିଲିକନ୍ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ଧାରକରଜ କରିବା ସହ ନିଜ ସୁନାଗହଣା ମଧ୍ୟ ବିକ୍ରି କରିଦେଇଥିଲେ। ପ୍ରତିମୂର୍ତ୍ତି ନିର୍ମାଣ ପରେ ନିଜ ଘରକୁ ଆଣିବା ସହ ପ୍ରାଣ ପ୍ରତିଷ୍ଠାକରି ବର୍ତ୍ତମାନ ପୂର୍ଣ୍ଣ ପୂର୍ଣ୍ଣ ଅନୁଭବ କରୁଥିବା କହିଛନ୍ତି ସ୍ତ୍ରୀ ସାଗରିକା ଓ ପୁଅ, ଝିଅ । ମୁନିଗୁଡ଼ାର ପୁରୋହିତ ନିକୁଞ୍ଜ ଶତପଥୀଙ୍କ ପୌରୋହିତ୍ୟରେ ହିନ୍ଦୁ ରୀତିନୀତିରେ ମନ୍ତ୍ରପାଠ କରାଯାଇ ପ୍ରତିମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା କରାଇଛନ୍ତି। ସେପଟେ ସ୍ୱାମୀଙ୍କ ଦେହାନ୍ତ ପରେ ସାଗରିକା ଗୋଟିଏ ମେଡିକାଲ ଷ୍ଟୋରକରି ପରିବାରର ଗୁଜୁରାଣ ମେଣ୍ଟାଇବା ସହ ୨ ପୁଅ ଝିଅଙ୍କୁ ଉଚ୍ଚ ଶିକ୍ଷିତକରି ଭଲ ମଣିଷ କରିବା ସହ ସ୍ୱାମୀଙ୍କ ସ୍ୱପ୍ନ ପୂରଣ କରିବା ନେଇ ଅଣ୍ଟା ଭିଡ଼ିଛନ୍ତି।



ମୃତ ଡାକ୍ତର ସମୀର ରାୟଙ୍କ ସିଲିକନ୍ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇ ପ୍ରାଣପ୍ରତିଷ୍ଠା କରାଯାଉଛି।

# ପ୍ରକୃତ ଚାଷୀ ପାଉନାହାନ୍ତି ମାଣ୍ଡିଆ ଚାଷ ସହାୟତା

**ଅର୍ଥ ବାଟମାରଣା ଅଭିଯୋଗ**

ନବରଙ୍ଗପୁର,୩।୪(ସଦାଶିବ ପ୍ରହରାଜ)

ସରକାର ମାଣ୍ଡିଆ ଚାଷ ବୃଦ୍ଧି ପାଇଁ ଚାଷୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଅନୁଦାନ ପ୍ରଦାନ କରୁଛନ୍ତି। ଯଦି ଗୋଟିଏ ଚାଷୀ ଲଗାତାର ମାଣ୍ଡିଆ ଚାଷ କରନ୍ତି, ତାଙ୍କୁ ପର୍ଯ୍ୟାୟ କ୍ରମେ ୫ ବର୍ଷ ସହାୟତା ଦିଆଯାଏ। ହେକ୍ଟର ପିଛା ପ୍ରଥମ ବର୍ଷ ୧୦ ହଜାର, ଦ୍ୱିତୀୟ ବର୍ଷ ୭ ହଜାର ୫ ଶହ, ତୃତୀୟ ବର୍ଷ ୫ ହଜାର ଏବଂ ଚତୁର୍ଥ ଓ ପଞ୍ଚମ ବର୍ଷରେ ୨ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥାଏ। ଯାହାକୁ ସରକାରୀ ଅଧିକାରୀ ଓ ନକଲି ଚାଷୀ ମିଶି ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୁଆକୋଟ ପଞ୍ଚାୟତ ମୁଦୁଲିଆଗୁଡ଼ା ଗ୍ରାମର ଗୋପୀନାଥ ଗୌଡ଼ ଓ କୃଷ୍ଣ ଗୌଡ଼। ସେମାନେ ନିଜ ଖର୍ଚ୍ଚରେ ଚାଷ କରି ମାଣ୍ଡିଆ ଉତ୍ପାଦନ କରିଛନ୍ତି। ସରକାରୀ ସହାୟତା ପାଇଁ ସ୍ଥାନୀୟ କୃଷକ ସାଥୀ ଓ କୃଷି କାର୍ଯ୍ୟାଳୟରେ ବାରମ୍ବାର କାଗଜପତ୍ର ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଟଙ୍କାଟିଏ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ମାଣ୍ଡିଆ ନ କରି ମକା, ବିରି, ମୁଗ, କୋଳଥ ଆଦି ଚାଷ କରିଥିବା ଚାଷୀଙ୍କୁ ମାଣ୍ଡିଆ ସହାୟତା ଦେଇ ଟଙ୍କା ଆତ୍ମସାତ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପଣ୍ଡିତଗୁଡ଼ା ଗ୍ରାମର ଯୁଗଧର ଗୌଡ଼ ଓ ବିଶ୍ୱନାଥ ଗୌଡ଼। ଯୁଗଧର ମକା ଚାଷ କରନ୍ତି। ୨୦୨୨-୨୩ରେ ପଞ୍ଚାୟତର କୃଷକ ସାଥୀ ଓ କିଛି ସରକାରୀ କର୍ମଚାରୀ ଆସି ତାଙ୍କୁ ଜମିର କାଗଜପତ୍ର ଓ ସମସ୍ତ ଦସ୍ତାବିଜ ମାଗି ନେଇ ମାଣ୍ଡିଆ ସହାୟତା ଦିଆଯିବ ବୋଲି କହିଥିଲେ। ଆର୍‌ଟିଆଇ ତଥ୍ୟ ଅନୁଯାୟୀ ତାଙ୍କ ଆକାଉଣ୍ଟରେ ସେତେବେଳେ ୧୦ ହଜାର ଟଙ୍କା ଆସିଥିଲା। ପରେ ଉକ୍ତ କର୍ମଚାରୀମାନେ ଆସି ଟଙ୍କା ଉଠାଇବାକୁ କହିଥିଲେ। ଯୁଗଧର ୧୦ ହଜାର ଟଙ୍କା ଉଠାଇବା ପରେ କର୍ମଚାରୀମାନେ ତାଙ୍କୁ ୧ ହଜାର ଦେଇ ବଳକା ଟଙ୍କା ନେଇଯାଇଥିବା ଅଭିଯୋଗ କରିଛନ୍ତି। ସେପରି ୨୦୨୩-୨୪ ବର୍ଷରେ ମଧ୍ୟ ୯ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଯାଇଥିବାବେଳେ ସେ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସେହିଭଳି ବିଶ୍ୱନାଥ ଗୌଡ଼ ମଧ୍ୟ ୨୦୨୨-୨୩ରେ ତାଙ୍କ ଆକାଉଣ୍ଟରେ ଆସିଥିବା ୧୦ହଜାର ଟଙ୍କା ଉଠାଇ ଅଧିକାରୀଙ୍କୁ ଦେବା ପରେ ସେମାନେ ତାଙ୍କୁ ୧ ହଜାର ଟଙ୍କା ଦେଇଥିବା କହିଛନ୍ତି। ସେହିଭଳି ତାଙ୍କ ଆକାଉଣ୍ଟରେ ଅନ୍ୟ ୧୨ ଶହ ଟଙ୍କା ଆସିଥିବା ବିଷୟରେ ସେ ଜାଣିନଥିବା ସୂଚନା ଦେଇଛନ୍ତି। ୨୦୨୪-୨୫ ବର୍ଷରେ ମକା ଚାଷ କରିଥିବା ନୂଆକୋଟ ଗ୍ରାମର ପରୀକ୍ଷିତ ଗୌଡ଼ ଓ ମତାଇ ଭତରାଙ୍କ ଆକାଉଣ୍ଟରେ ମଧ୍ୟ ଯଥାକ୍ରମେ ୪ହଜାର ୫ଶହ ଓ ୨ହଜାର ଟଙ୍କା ସହାୟତା ରାଶି ଆସିଥିଲା। ଯାହାକୁ ନେଇ ସେମାନେ ଆପତି କରିଥିଲେ।

ସରକାର ବିଭିନ୍ନ ବ୍ଲକରେ ଏଫ୍‌ପିଓ ନିଯୁକ୍ତି ଦେଇଛନ୍ତି। ସେମାନେ ମାଣ୍ଡିଆ ଚାଷ ତଦାରଖ ସହ ମଣ୍ଡିରେ ମାଣ୍ଡିଆ କିଣିବା ପାଇଁ ବ୍ୟାପକ ଟଙ୍କା ବ୍ୟୟ ବରାଦ କରିବା କଥା। କିନ୍ତୁ ଏହା ମଧ୍ୟ ଠିକ୍ ଭାବରେ ଚାଲୁ ନ ଥିବା ପ୍ରକୃତ ଚାଷୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମାନୁଯାୟୀ, ମାଣ୍ଡିଆ ଚାଷ କରିଥିବା ଚାଷୀ ଏଫ୍‌ପିଓ ନିକଟରେ ମାଣ୍ଡିଆ ବିକ୍ରି ପାଇଁ ନାମ ପଞ୍ଜିକରଣ ପରେ ମଣ୍ଡିରେ ମାଣ୍ଡିଆ ବିକ୍ରି କରିବେ। ଏହା ବ୍ୟତିତ ଏଫପିଓ ଅନ୍ୟ କୌଣସି ମାଧ୍ୟମରେ ମାଣ୍ଡିଆ କିଣିପାରିବେ ନାହିଁ। କିନ୍ତୁ ୨୦୨୪ ଏପ୍ରିଲ ୧୯ରେ ୧୩ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଏକ ମାଣ୍ଡିଆ ବୋଝେଇ ଟ୍ରକ ନବରଙ୍ଗପୁର ଆରଏମ୍‌ସି ପରିସରରେ ଥିବା ଏଫ୍‌ପିଇଓ କେନ୍ଦ୍ରରେ ଅନ୍‌ଲୋଡ୍ କରାଯାଉଥିଲା। ଯାହାକି କର୍ଣ୍ଣାଟକ ରାଜ୍ୟରୁ ଆସିଥିଲା। ନିୟନ୍ତ୍ରିତ ବଜାର କମିଟ ସମ୍ପାଦକ ତାହାକୁ ଜବତ କରିବା ସହ କାହିଁକି ବାହାର ରାଜ୍ୟର ମାଣ୍ଡିଆ ଏଠାକୁ ଆସିଛି ବୋଲି ତଦନ୍ତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ସେତେବେଳେ ସେ ସନ୍ଦେହ କରିଥିଲେ ଯେ ଉକ୍ତ ମାଣ୍ଡିଆକୁ ଚାଷୀଙ୍କ ନାମରେ ବିକ୍ରି କରିବାକୁ ଚେଷ୍ଟା କରାଯାଉଥିଲା। ତେବେ ଏହି ଘଟଣାର ତଦନ୍ତ ରିପୋର୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ।

ସରକାରୀ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲାରେ ୨୦୨୨-୨୩ରେ ୯୩୮୬ ଜଣ ଚାଷୀ ୪୧୭୭ ହେକ୍ଟରରେ ମାଣ୍ଡିଆ ଚାଷ କରିଥିଲେ। ୨ କୋଟି ୯୧ ଲକ୍ଷ ୧୧ ହଜାର ୩୪୦ ଟଙ୍କା ମାଣ୍ଡିଆ ଚାଷୀଙ୍କ ପାଇଁ ଅନୁଦାନ ପ୍ରଦାନ କରାଯାଇଥିବା ସରକାରୀ ତଥ୍ୟ ରହିଛି। ସେହିଭଳି ୨୦୨୩-୨୪ରେ ୧୫୩୨୦ ଚାଷୀଙ୍କୁ ୮୦୧୧ ହେକ୍ଟର ଚାଷ ପାଇଁ ୫ କୋଟି ୨୧ ଲକ୍ଷ ୮୬ ହଜାର ୭୭୫ ଟଙ୍କା ଓ ୨୦୨୪-୨୫ରେ ୧୩୧୮୫ ଚାଷୀଙ୍କୁ ୬୪୩୮ ୩ କୋଟି ୬୩ ଲକ୍ଷ ୯୧ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଅର୍ଥରେ ହେର୍‌ଫେର୍ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗ ସମ୍ପର୍କରେ ନବରଙ୍ଗପୁର ମୁଖ୍ୟ ଜିଲା କୃଷି ଅଧିକାରୀ ପି. ଭେଙ୍କେଟ ରମଣ ରାଓଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୪ ଦିନ ହେବ ଜଳ ଯୋଗାଣ ବନ୍ଦ



ରାସ୍ତାରୋକୋ କରିଥିବା ସାହିବାସିନ୍ଦାଙ୍କୁ ବୁଝାଶୁଝା କରାଯାଉଛି।

**ସାହିବାସିନ୍ଦାଙ୍କ ରାସ୍ତାରୋକୋ**

ପାପଡ଼ାହାଣ୍ଡି, ୩।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାଇକ ସାହିରେ ୪ ଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହା ବିରୋଧରେ ଗୁରୁବାର ସାହି ବାସିନ୍ଦା ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ପ୍ରଶାସନ ପହଞ୍ଚି ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ସୂଚନାନୁଯାୟୀ ପାପଡ଼ାହାଣ୍ଡି ପାଇକ ସାହିରେ ୫୦ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ସେମାନଙ୍କ ପାଇଁ ଗୋଟିଏ ନଳକୂପ ରହିଛି। ଜଳ ଯୋଗାଣ ପ୍ରକଳ୍ପରେ ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ରହିଛି। କିନ୍ତୁ ୪ ଦିନ ହେଲା ତାହାକୁ ବନ୍ଦ କରିଦିଆଯାଇଛି। ତେଣୁ ହାଣ୍ଡିଏ ପାଣି ପାଇଁ ସାହି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସମସ୍ତଙ୍କୁ ଅବଗତ ପରେ ବି କେହି କିଛି ପଦକ୍ଷେପ ନିଆ ନ ଯିବାରୁ ଗୁରୁବାର ମଧ୍ୟାହ୍ନରେ ହାଣ୍ଡି, ବାଲ୍‌ଟି ମାଠିଆ ଆଦି ରଖି ରାସ୍ତା ଅବରୋଧ କରାଯାଇଛି। ଖବରପାଇ ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ ଜେନା, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳକୁ ଜିପିଓ ଅକ୍ଷୟ ପଟ୍ଟନାୟକ ଓ ପିଇଓ ମଙ୍ଗଳୁ ଭତରାଙ୍କୁ ଡ଼କାଇ ଥିଲେ। ଟ୍ୟାଙ୍କର ଯୋଗେ ସାହି ବାସିନ୍ଦାଙ୍କୁ ପାଣି ଯୋଗାଇବା ସହ ତୁରନ୍ତ ପାଇପ୍ ଯୋଗେ ଜଳ ଯୋଗାଣରେ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।

# ସିସି କ୍ୟାମେରା କାର୍ଯ୍ୟକ୍ଷମ, ଆଲୋକୀକରଣ ଦାବି

ଉମରକୋଟ, ୩।୪
(ସନ୍ତୋଷ ଶତପଥୀ)


ପୌର ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ଉମରକୋଟ ସହରର ପ୍ରମୁଖ ସ୍ଥାନରେ ଲାଗିଥିବା ସି ସି କ୍ୟାମେରା ମରାମତି ଓ ସହରକୁ ଆଲୋକୀକରଣ ପାଇଁ ବିପଦର ବନ୍ଧୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଏହି ଦାବିପତ୍ର ଗ୍ରହଣ କରିବା ସହ ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ସହରରେ ୧୪ ୱାର୍ଡ ରହିଥିବାବେଳେ ପ୍ରାୟ ୪୦ହଜାର ଲୋକ ବସବାସ କରନ୍ତି। ଜିଲାରେ ଉମରକୋଟ ଏକ ପ୍ରମୁଖ ସହର। ଲୋକଙ୍କ ସୁରକ୍ଷା ଓ ଚୋରି ଡକାୟତି ରୋକିବାକୁ ପ୍ରାୟ ୪ ବର୍ଷ ତଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୌର ପ୍ରଶାସନ ପକ୍ଷରୁ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ସି ସି କ୍ୟାମେରା ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ କ୍ୟାମେରା ତଳମୁହାଁ। ତା' ମଧ୍ୟରୁ ଅଧିକାଂଶ ଚୋରି ହୋଇଗଲାଣି। ତେଣୁ ବର୍ତ୍ତମାନ ସହରରେ ଚୋରି ଡକାୟତି, ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପଟେ ସହରର ଅନେକ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ବର୍ତ୍ତମାନ ଲାଇଟ୍ ବ୍ୟବସ୍ଥା ନାହିଁ। ତେଣୁ ସହରର ସମସ୍ତ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ ବ୍ୟବସ୍ଥା ସହ ସମସ୍ତ ସି ସି କ୍ୟାମେରା ମରାମତି, ଆଉ କିଛି ଜାଗାରେ ନୂତନ କ୍ୟାମେରା ଲଗାଇବାକୁ ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

# 'ହସ୍ତତନ୍ତ' ଆମ ପରିଚୟ, ଗର୍ବର ପ୍ରତୀକ

ନବରଙ୍ଗପୁର,୩।୪(ସଦାଶିବ ପ୍ରହରାଜ)

**ନବରଙ୍ଗପୁରରେ ପାରମ୍ପରିକ ପୋଷାକ ପରିଧାନ ଦିବସ**

ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ତତ୍ତ୍ୱାବଧାନରେ ନବରଙ୍ଗପୁର ଜିଲା ପ୍ରଶାସନ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ପାରମ୍ପରିକ ପୋଷାକ ପରିଧାନ ଦିବସ ଉପରେ ଏକ ବୈଠକ ଆୟୋଜନ କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଉନ୍ନୟନ ଅଧିକାରୀ ଯଦୁମଣି ନାୟକଙ୍କ ସହ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଆଦିବାସୀ, ଓଡ଼ିଆ ଏବଂ ସାଂସ୍କୃତିକ ପରମ୍ପରା ସଂରକ୍ଷଣ ଗୁରୁତ୍ୱ ଉପରେ ମତ ଦେଇଥିଲେ। ଓଡ଼ିଶାର ସାଂସ୍କୃତିକ ସ୍ପନ୍ଦନକୁ ଗ୍ରହଣ କରିବା ପାଇଁ ନବରଙ୍ଗପୁର ପ୍ରଶାସନ ଏବଂ କର୍ମୀଙ୍କ ସାମୂହିକ ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଥିଲା। ଆମ ପରିଚୟ ଆମ ପୋଷାକ କାର୍ଯ୍ୟକ୍ରମରେ ସମସ୍ତେ ହସ୍ତତନ୍ତ, ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପରିଧାନ କରିଥିଲେ। ୧୪ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହର ସହିତ 'ଓଡ଼ିଆ ପକ୍ଷ' ପାଳନ କରିବାକୁ ଜିଲା ସଂସ୍କୃତି ଅଧିକାରୀ ପରାମର୍ଶ ଦେଇଥିଲେ। 'ଓଡ଼ିଆ ପକ୍ଷ' ପାଳନ ପରମ୍ପରା ଏବଂ ଗର୍ବର ପ୍ରତୀକ ବୋଲି ସମସ୍ତେ ମତ ଦେଇଥିଲେ।


ହସ୍ତତନ୍ତ ପୋଷାକ ପରିଧାନ କରିଥିବା ଜିଲାପାଳ ଓ ଅନ୍ୟ କର୍ମଚାରୀମାନେ।

# ବିଡିଓଙ୍କୁ ଡାବୁଗାଁ ମିଶନଶକ୍ତି ମହାସଂଘର ଦାବିପତ୍ର



ଡାବୁଗାଁ ମିଶନଶକ୍ତି ମହାସଂଘ ସଦସ୍ୟମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଡାବୁଗାଁ, ୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମିଶନଶକ୍ତି ମହାସଂଘ ପକ୍ଷରୁ ଏକ ବିଡିଓ ଶରତ ମାଝିଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡାବୁଗାଁ ବ୍ଲକ ମିଶନଶକ୍ତିରେ କାର୍ଯ୍ୟରତ ଇସି ମେମ୍ବରମାନେ ଗତ ୨୭ ତାରିଖ ସରକାରଙ୍କ ଦ୍ୱାରା ପ୍ରେରିତ ଚିଠିର ନିର୍ଦ୍ଦେଶନାମା ଅନୁଯାୟୀ ଇସି ମାନଙ୍କର ପୁନର୍ଗଠନ ପ୍ରକ୍ରିୟାକୁ ସାମୟିକଭାବେ ସ୍ଥଗିତ ରଖାଯାଉ। ଇସି ମାନେ ସ୍କୁଟି ଯୋଜନାରେ ଋଣଗ୍ରସ୍ତ ହୋଇ ଗ୍ରୁପରେ ଥିବାବେଳେ ସେମାନଙ୍କ ପ୍ରତି ସରକାର ସହାନୁଭୂତି ଜଣାଇ ନୂତନ ନିର୍ଦ୍ଦେଶନାମାରେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବା ନିମନ୍ତେ ସୁଯୋଗ ଦେବା ପାଇଁ ଇସି ସଂଘ ପକ୍ଷରୁ ଗତ ୩୧ ତାରିଖରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ନିବେଦନ କରାଯାଇଛି। ନିୟମ ପ୍ରକାରେ ଜଣେ ଇସି ମେମ୍ବର ୩ ବର୍ଷ କାର୍ଯ୍ୟ କରି ପାରିବେ। କିନ୍ତୁ ଡାବୁଗାଁ ବ୍ଲକରେ କାର୍ଯ୍ୟରତ ଅଧିକାଂଶ ଇସି ମେମ୍ବରଙ୍କ କାର୍ଯ୍ୟକାଳ ୩ ବର୍ଷ ସରି ନାହିଁ। ଏହାକୁ ଦୃଷ୍ଟିରେ ରଖି ପୁନର୍ଗଠନ ପ୍ରକ୍ରିୟାରେ କିଛି ପରିବର୍ତ୍ତନ କଲେ ସମସ୍ତେ ଉପକୃତ ହେବେ ବୋଲି ବିଡିଓଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ବ୍ଲକ ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ସାବିତ୍ରୀ କଲାର, ସମ୍ପାଦିକା ନିଳେନ୍ଦ୍ରୀ ବିଶୋଇ, ଭାରତୀ ମାଝି, ପ୍ରିୟଦର୍ଶିନୀ ପାତ୍ର, ଶକୁନ୍ତଳା ନାୟକ, ମମତା ହରିଜନ, ପଦ୍ମିନୀ ହରିଜନ ଓ ଅନ୍ୟ ଇସି ମେମ୍ବରମାନେ ଉପସ୍ଥିତ ଥିଲେ।

# ସିଆର୍‌ସିସିଙ୍କୁ କ୍ରୀଡ଼ା ଶିକ୍ଷକଙ୍କ ମାଡ଼ ଅଭିଯୋଗ

ଉମରକୋଟ, ୩।୪(ସନ୍ତୋଷ ଶତପଥୀ)

ଝରିଗାଁ ବ୍ଲକ ବାକଦାବେଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଜଣେ କ୍ରୀଡ଼ା ଶିକ୍ଷକ ମାଡ଼ ମାରିବା ନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଏପ୍ରିଲ ୧ରେ ବାକଡ଼ାବେଡ଼ା କ୍ଲଷ୍ଟର ସିଆରସିସି ଶୋଭାଚନ୍ଦ୍ର ପାଣ୍ଡେ କ୍ଲଷ୍ଟର କେନ୍ଦ୍ରରେ ବହି ବଣ୍ଟନ କରୁଥିଲେ। ଏହି ସମୟରେ ଝରିଗାଁ ବ୍ଲକ ଅଧୀନ ବକଡବେଡା ପଞ୍ଚାୟତ ଡଙ୍ଗରିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଥ ମଲ୍ଲିକ ହଠାତ ଆସି ତାଙ୍କୁ ମାଡ଼ ମାରିଥିବା ନେଇ ଶୋଭାଚନ୍ଦ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାଡ଼ ଯୋଗୁ ତାଙ୍କୁ ଶୁଭୁ ନ ଥିବା ନେଇ ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଉମରକୋଟ ପୋଲିସ ୧୦୮/୨୫ ରେ ମାମଲା କରି ଘଟଣାର ତଦନ୍ତ କରୁଥିବା ଏସ୍‌ଆଇ ସୌମେନ୍ଦ୍ର କୁମାର ସେଠ ସୂଚନା ଦେଇଛନ୍ତି। ଏ ନେଇ କ୍ରୀଡ଼ା ଶିକ୍ଷକ ପ୍ରମୋଥ ମଲ୍ଲିକଙ୍କୁ ପଚାରିବାରୁ ଘଟଣାରେ ସତ୍ୟତା ନାହିଁ। ସିଆର୍‌ସିସିଙ୍କ ସହ କେବଳ ପାଟିତୁଣ୍ଡ ହୋଇଥିଲା ବୋଲି ସେ କହିଛନ୍ତି।

# ଆକ୍ରମଣରେ ଗୁରୁତର ଯୁବକଙ୍କ ଚିକିତ୍ସାବେଳେ ମୃତ୍ୟୁ

ପାପଡାହାଣ୍ଡି, ୩।୪ (ସ୍ୱପ୍ନଜିତ ପଟ୍ଟନାୟକ)

ଶ୍ୱଶୁର ଘର ଗାଁକୁ ବାଲିଯାତ୍ରା ଦେଖିବାକୁ ଯାଇଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଗୁରୁବାର ମୈଦଲପୁର ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ନବରଙ୍ଗପୁର ଥାନା ତାରାଗାଁର ବଳଦେବ ଗୌଡ଼। ସୂଚନାନୁଯାୟୀ ମୈଦଲପୁର ଥାନା ଅଧୀନ ମାଝୀଗୁଡା ଗ୍ରାମସ୍ଥିତ ଶ୍ୱଶୁର ଘରକୁ ବାଲିଯାତ୍ରା ଦେଖିବାକୁ ମଙ୍ଗଳବାର ସାଙ୍ଗ କିଶର ବିଷୋୟୀଙ୍କ ସହ ଆସିଥିଲେ। ରାତିରେ ଯାତ୍ରା ଚାଲିଥିବାବେଳେ କୌଣସି କଥାକୁ ନେଇ ବଳଦେବଙ୍କ ସହ ମୈଦଲପୁର ଥାନା କେନ୍ଦୁଗୁଡ଼ା ଗ୍ରାମର ଭଗତ ଭତ୍ରାଙ୍କ ଝଗଡା ହୋଇଥିଲା। ଭଗତ ଗାଳିଗୁଲଜ କରିବା ସହ ବଳଦେବଙ୍କୁ ଆକ୍ରମଣ କରିଥିଲେ। ବଳଦେବଙ୍କ ମୁଣ୍ଡ ଓ ଗୁପ୍ତାଙ୍ଗରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପାପଡ଼ାହାଣ୍ଡି ମେଡିକାଲ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ଭାଇ ମଧୁ ମୈଦଲପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କେସ ନଂ ୨୫/୨୫ରେ ପୋଲିସ ମାମଲା ରୁଜୁ କରିଛି।

# ବଜ୍ରପାତରେ ୨ ଗୁରୁତର

ପାପଡ଼ାହାଣ୍ଡି, ୩।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ବାସପୁର ଡେଙ୍ଗାଗୁଡାରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଟଙ୍କଧର ଯାନୀ, ସହଦେବ ଯାନୀ। ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାପ୍ରକାରେ ଗୁରୁବାର ଅପରାହ୍ନରେ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଟଙ୍କ ଓ ସହଦେବ ନିଜର ଇଟା ଭାଟିକୁ ଢାଙ୍କିବାକୁ ଯାଇଥିଲେ। ଜରି ପାଲ ଦେଇ ଫେରିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ବର୍ତ୍ତମାନ ଉଭୟଙ୍କ ଚିକିତ୍ସା ଜାରି ରହିଛି।

# ମରାମତି ହେଲା ବଜାର ମୁଖ୍ୟ ରାସ୍ତା ପ୍ରବେଶ ପଥ

କୋରୁକୋଣ୍ଡା, ୩।୪(ଶିବଦତ୍ତ ସାହୁ)

- ଧରିତ୍ରୀ ପ୍ରଭାବ
- ଟେଣ୍ଡର ସରିବା ପରେ କାମ ହେବ: ନିର୍ବାହୀ ଅଧିକାରୀ

ବାଲିମେଳା ସହର ଆଇଏମ୍‌ଏସ୍‌ଟି ସ୍କୁଲ ସମ୍ମୁଖ ଛକରୁ ଦୈନିକ ବଜାର ଯିବା ମୁଖ୍ୟ ରାସ୍ତା ପ୍ରବେଶ ପଥ ପ୍ରାୟ ୬୦ ରୁ ୭୦ ମିଟର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଥିଲା। ଏ ସମ୍ପର୍କରେ ଗତ ମାସ ୨୭ ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୃଷ୍ଟି ହୋଇଥିବା ଗର୍ତ୍ତକୁ କାଉନସିଲର କୃଷ୍ଣ ବାଘଙ୍କ ଦ୍ୱାରା ମରାମତି କରାଯାଇଥିବା ଦେଖିବାକୁ ମିଳିଛି। ତେବେ ସେଠାରୁ ପ୍ରାୟ ୭୦ ମିଟର ରାସ୍ତାରେ ଥିବା ଖାଲଖମାଗୁଡିକୁ ତଥା ଖରାପ ଥିବା ରାସ୍ତା ମରାମତି କରାଯାଇନାହିଁ। ତେବେ ଏ ସମ୍ପର୍କରେ ଏନ୍‌ଏସିର ନିର୍ବାହୀ ଅଧିକାରୀ ମୁନା ତୁର୍କୁଙ୍କୁ ପଚାରିବାରୁ ଖାଲ ମରାମତି କରାଯାଇଛି। ଉକ୍ତ ରାସ୍ତା ତିଆରି ନିମନ୍ତେ ଟେଣ୍ଡର ଚାଲିଛି। ସରିବା ପରେ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ବାଲିମେଳାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

କୋରୁକୋଣ୍ଡା, ୩।୪(ଶିବଦତ୍ତ ସାହୁ)

ବାଲିମେଳା ସହରରେ ଶିକ୍ଷା ବିଭାଗର ସଚେତନତା ରଥ ଗୁରୁବାର ପ୍ରବେଶ କରିଥିଲା। ପ୍ରଥମେ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟରେ ରଥକୁ ସ୍ୱାଗତ କରାଯାଇଥିଲା। ଏହାପରେ ରଥ ବାଲିମେଳା ସହରରେ ଥିବା ସମସ୍ତ ବିଦ୍ୟାଳୟକୁ ଭ୍ରମଣ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିଲେ। ରଥକୁ ସ୍ୱାଗତ କରି ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ, ସିଆରସିସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଭୀମସେନ ଖିଲ ଓ ଅନ୍ୟମାନେ ସହଯୋଗ କରିଥିଲେ।


ବାଲିମେଳାରେ ସଚେତନତା ରଥକୁ ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

# ଜିଲାପାଳଙ୍କ ନିର୍ଦ୍ଦେଶ ପରେ କର୍ମଚାରୀ ପିନ୍ଧିଲେ ସମ୍ବଲପୁରୀ ବସ୍ତ୍ର

କୋରାପୁଟ,୩।୪(ଅମିତାଭ ବେହେରା)

ପାରମ୍ପରିକ ବସ୍ତ୍ର ପରିଧାନ ନେଇ ରାଜ୍ୟ ସରକାରଙ୍କ ଘୋଷଣା ପରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ ପତ୍ର ସଂଖ୍ୟା ୩୬୧/୨୫ରେ ଏକ ନିର୍ଦ୍ଦେଶନାମା ବୁଧବାର ଜାରି କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର କୋରାପୁଟ ଜିଲାର ସମସ୍ତ ସରକାରୀ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଯାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କୋଟପାଡ଼, ସମ୍ବଲପୁରୀ, ରେଶମୀ ଓ ଖାଦି ଆଦି ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସି କାର୍ଯ୍ୟ କରୁଥିବା ଦେଖାଦେଇଛି।


କାର୍ଯ୍ୟାଳୟରେ କର୍ମଚାରୀ ସମ୍ବଲପୁରୀ ପିନ୍ଧି ଯୋଗଦେଇଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବୈପାରୀଗୁଡ଼ା,୩।୪(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ଶିଶୁଙ୍କୁ ସ୍ନେହ ଓ ଆଦରରେ ଶିକ୍ଷା ଦେବା ସହ ତ୍ରୁଟିକୁ ଧୈର୍ଯ୍ୟରେ ସୁଧାରିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ବିରେନ୍ଦ୍ର ଧଳ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କାର୍ତ୍ତାମୀଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଯୁଗଳ କିଶୋର ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାହ୍ନୁ ବେହେରା, ବିଦ୍ୟାଳୟ କମିଟି ସଭାପତି ରାମନାଥ ଗାଦବା ଓ ଉପସଭାପତି କେଶବ ଖିଲ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିକ୍ଷକମାନେ।

# ମାଥିଲି ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ମାଥିଲି, ୩।୪(ସୁବାସ ଚନ୍ଦ୍ର ଖୁଢୁପିଆ)

**ଅନେକ ସ୍କୁଲରେ ଠିକ୍ ଭାବେ ହେଉନି ପାଠପଢ଼ା**

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି। ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରୀ କମ୍ ସଂଖ୍ୟକ ଅଛନ୍ତି ସେଠାରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି। ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅଧିକ ସେଠାରେ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବା ଜଣାପଡିଛି। ମାଥିଲିରେ ୧୯୧୮ରେ ସ୍ଥାପିତ ବିଦ୍ୟାଳୟରେ ୮୨ ଛାତ୍ରୀଛାତ୍ର ଥିବା ବେଳେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ମାଥିଲିଠାରୁ ୩୦ କି.ମି.ଦୂର ଗୁଗାପଦର ପ୍ରାଥମିକ ବିଦ୍ୟାଳୟରେ ୧୭ ଛାତ୍ରୀଛାତ୍ର ଥିବା ବେଳେ ସେଠାରେ ୪ ଜଣ ଶିକ୍ଷକ ଅଛନ୍ତି। ଟେମୁରୁପାଲି ପଞ୍ଚାୟତର କେରମେଟି ଓ ଖତୁଆପଦର ବିଦ୍ୟାଳୟ ଅବସ୍ଥା ସେଭଳି। ବ୍ଲକର ବିଭିନ୍ନ ସ୍କୁଲରେ ଠିକ୍ ଭାବେ ପାଠପଢ଼ା ହେଉ ନ ଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ଅଧିକାରୀମାନେ ଏସବୁ ବିଦ୍ୟାଳୟକୁ କେବେ ଯାଇନାହାନ୍ତି କି କିଭଳି ଶିକ୍ଷକମାନେ ପଢ଼ାଉଛନ୍ତି ଦେଖି ନ ଥିବା ଅଭିଯୋଗ ହେଉଛି। ପଚାରିଲେ ଗାଁଗୁଡିକରେ ବିଦ୍ୟାଳୟ ଗୃହ ନାହିଁ ବୋଲି କହୁଛନ୍ତି। କିନ୍ତୁ ସେଠାରେ ଥିବା ଛାତ୍ରୀଛାତ୍ର ଲେଖାଲେଖି ଅକ୍ଷର ଶିକ୍ଷା ତ ଦୂରର କଥା ଓଡ଼ିଆ ଭାଷା ବୁଝିପାରୁନାହାନ୍ତି। ନିଜେ କେଉଁ ଶ୍ରେଣୀରେ ପାଠ ପଢୁଛନ୍ତି କହିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ର କିଭଳି ପରୀକ୍ଷା ଦେଉଥିବେ ସହଜରେ ଅନୁମାନ କରି ହେଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଏଭଳି ଶିକ୍ଷକମାନଙ୍କ ଦରମା କରାଯାଉଛି ଓ କାହା ଚାପରେ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ କୁମାର ବିଶ୍ୱାସଙ୍କୁ ପଚାରିବାରୁ ସିଆର୍‌ସିସି ଏବଂ ଏବିଇଓ ରିପୋର୍ଟ ଆଧାରରେ ଦରମା ବିଲ୍ ହେଉଛି ବୋଲି କହିଛନ୍ତି। ମାଥିଲି ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥା ଉପରେ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତକରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନ ନେଲେ ଆଦିବାସୀ ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର,୩।୪(ପବନ ପାଣିଗ୍ରାହୀ)

ଜୟପୁର ଜିଲା ଦୌରାଜଜ୍ କୋର୍ଟରେ ସଦର ଥାନା ଅନ୍ତର୍ଗତ ୨୦୧୧ରେ ସ୍ଥାନୀୟ ହାତିଶାଳ ନିକଟରେ ହୋଇଥିବା ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଜିଲା ଦୌରାଜଜ୍ ପ୍ରଦୀପ କୁମାର ମହନ୍ତ ଏହି ମାମଲାର ବିଚାର କରିବା ସହ ୧୨ଜଣ ସାକ୍ଷ ପ୍ରମାଣକୁ ଭିତ୍ତି କରି ଗୁରୁବାର ରାୟ ଶୁଣାଇଛନ୍ତି। ଶେଖ ଜାହାଙ୍ଗିରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଗତ ୨୧ ମାର୍ଚ୍ଚ ୨୦୧୧ରେ ଅଭିଯୁକ୍ତ ଶେକ ମେହେବୁବ ଓ ଗୁଲାମ ନାବୀ ଠିଆ ହୋଇଥିବା ବେଳେ ଶେକ ଜାବେଦ ଓ ଶେକ ରାଜା ଉଭୟ ଏକ ବାଇକ୍‌ରେ ଆସି ନବୀଙ୍କୁ ଡାକି ନେଇଥିଲେ। ଘରକୁ ନ ଫେରିବାରୁ ନାବୀଙ୍କ ପରିବାର ଖୋଜାଖୋଜି କରି ପାଇନଥିଲେ। ପରଦିନ ସକାଳୁ ହାତିଶାଳ ନିକଟରେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଖବର ପାଇଥିଲେ। ଜାବେଦଙ୍କ ଭଉଣୀଙ୍କୁ ଗୁଲାମ ବାହା ହେବା ପାଇଁ ଚାହୁଁଥିବା ବେଳେ ଦୁର୍ବ୍ୟବହାର ମଧ୍ୟ କରିଥିଲେ। ଶେକ ଓ ଜାବେଦ ଯୋଜନା କରି ଗୁଲାମଙ୍କୁ ମାରିଥିଲେ। ଏହି ମାମଲାରେ ପୂର୍ବରୁ ଜାବେଦଙ୍କୁ ୨୦୧୮ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ଶେକ ମେହେବୁବ ଫେରାର ଥିଲେ। ପୁଣି କେସର ଟ୍ରାଏଲ ପରେ ମେହେବୁବଙ୍କୁ ଦୋଷୀ ସାବ୍ୟସ୍ତ କରି ସହ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟସ୍ଥଳେ ଏକବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସୂଚନା ଦିଆଯାଇଛି।

